# Akashvani, Sambalpur

## SAMBALPURI NEWS BULLETIN

### 12 December 2025 – 6.47- 6.52 am.

********************************************

ମୁଖ୍ୟମନ୍ତ୍ରୀ ଆଡ଼ିବନ୍ଧ ଯୋଜ୍‌ନା I&PR

ଆଏବା ଦିନେ ଓଡ଼ିଶା ନ ଭିତିଭୂମି ନିର୍ମାଣ୍‌ଥି ଗୁଟେ ଆନ୍ଦୋଲନ୍ ହେବାର୍‌କେ ଯାଉଛେ ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ରାଜ୍ୟବାସୀଙ୍କର୍ ଉଦ୍ଦେଶ୍‌ଥି ଗଲାକାଏଲ୍ ଭୁବନେଶ୍ୱର୍ ନ ଗୁଟେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ୍‌ଥି 'ମୁଖ୍ୟମନ୍ତ୍ରୀ ଆଡ଼ିବନ୍ଧ ତିଆରି ଯୋଜ୍‌ନା' ୩ ନମ୍ବର୍ ଖେପର ଲୋକାର୍ପିତ୍ କରିକରି ମୁଖ୍ୟମନ୍ତ୍ରୀ ଇଟା କହିଛନ୍ । ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ ସମ୍ବଲ୍‌ପୁର୍ ଜିଲ୍ଲା ନ ୩ ଶହ ୫୫ କୋଟି ଟଙ୍କା ଖର୍ଚ୍ଚା ଥି ୬ ଟା ବଡ଼ ଉଠା ଜଲ୍‌ସେଚନ୍ ପ୍ରକଳ୍ପର୍ ଭିତିପ୍ରସ୍ତର୍ ଥାପ୍‌ନା କରିଛନ୍ । ଇତାର୍‌ସହେତେ ରାଜ୍ୟର୍ ୨୦ ଟା ଜିଲ୍ଲା ନ ୨୮ ହଜାର୍ ୩ ଶହ ୨ ଟା ଉଠା ଜଲ୍‌ସେଚନ୍ ପ୍ରକଳ୍ପର୍ ଭିତିପ୍ରସ୍ତର୍ ଥାପ୍‌ନା କରାଯାଇଛେ । ଯୋଜ୍‌ନାଥି ୨୨ ଟା ଜିଲ୍ଲା ନ ଶହେ ୧ ଟା ଚେକ୍‌ଡେମ୍ ଭିଲ୍ ଲୋକାର୍ପିତ ହେଇଛେ ।

ଇକୋ ରିଟ୍ରିଟ୍ I&PR

ପୁରୀ-କୋଣାର୍କ ରାସ୍ତା ରାମଚଣ୍ଡି ପାଖେ ପର୍ଯ୍ୟଟନ୍ ବିଭାଗ୍ ତରଫୁ ଆଏଜ୍‌ଠାନୁ କୋଣାର୍କ ଇକୋ ରିଟ୍ରିଟ୍ ମୁଲ୍ ହେଉଛେ । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏଜ୍ ଉପର୍‌ବେଲା ଇତାର୍ ଉଦ୍‌ଘାଟନ୍ କର୍‌ବେ । ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଭିଲ୍ ଉପସ୍ଥିତ୍ ରହେବେ । ଇକୋ ରିଟ୍ରିଟ୍‌ଥି ଇଥର ୭୦ ଟା ତମ୍ବୁଘର୍ ବନାଯାଇଛେ । ଆଏବା କାଏଲ୍‌ଠାନୁ ପର୍ଯ୍ୟଟକ୍‌ମାନେ ବୁକ୍ କରିଥିବା ଘର୍‌ମାନ୍‌କେ ରହିପାର୍‌ବେ ।

ମୁଖ୍ୟମନ୍ତ୍ରୀ - ଭିତିପ୍ରସ୍ତର୍ I&PR

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଗଲାକାଏଲ୍ କଟକ୍ ସ୍ପେଶାଲ୍ ସର୍କିଟ୍ ହାଉସ୍‌ର ନୂଆଁ ଆନେକ୍ସ କୋଠା ସହେତେ ତହସିଲ୍ ଅଫିସର୍ ଆଉ ସବ୍ ରେଜିଷ୍ଟ୍ରାର୍ ଅଫିସ୍‌ର ଭିତିପ୍ରସ୍ତର୍ ଥାପ୍‌ନା କରିଛନ୍ । ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ କହିଛନ୍, ଇ ଅଫିସ୍ ମାନ୍‌କେ ସବୁ ପ୍ରକାର୍ ଆଧୁନିକ୍ ସୁବିଧା ରହେବା । ଇତାର୍ ଜରିଏ ଲୁକ୍‌କର୍ ସମସ୍ୟା ଅଫିସ୍ ମାନ୍‌କେ ତୁର୍‌ତି ସମାଧାନ୍ ହେଇପାର୍‌ବା ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

ଓଟିଇଟି ଯୋଗ୍ୟତା-ହାଇକୋର୍ଟ ଆର୍‌ଏନ୍‌ୟୁ/ ସମ୍ବଲପୁର

ଚାକିରୀ ନିୟମିତ ହେବାର୍ ଲାଗି ଶିକ୍ଷକ୍ ମାନ୍‌କର୍ ଓଟିଇଟି ଯୋଗ୍ୟତା ବାଧ୍ୟତାମୂଲକ୍ ନୁହେଁ । ଓଟିଇଟି ପରୀକ୍ଷା ଆର୍ଥିକ୍ ଲାଭ୍ ଲାଗି ଦର୍‌କାର୍ ଆଏ ବଲି ଓଡ଼ିଶା ହାଇକୋର୍ଟ କହିଛନ୍ । ଗଣଶିକ୍ଷକ୍ ଭାବେ କାମ୍ କରୁଥିବା ୫ନେ ଶିକ୍ଷୟିତ୍ରୀଙ୍କର୍ ଆବେଦନ୍‌ର ଶୁଣାଣି କରିକରି ହାଇକୋର୍ଟ ଇ ରାୟ ଦେଇଛନ୍ ।

ଓସିଏସ୍ ମୁଖ୍ୟ ପରୀକ୍ଷା        ଆର୍‌ଏନ୍‌ୟୁ/ ସମ୍ବଲପୁର

ଓଡ଼ିଶା ଲୋକସେବା ଆୟୋଗ୍- ଓପିଏସ୍‌ସି ପରିଚାଲିତ ଓଡ଼ିଶା ସିଭିଲ୍ ସର୍ଭିସ୍ - ଓସିଏସ୍‌ର ମୁଖ୍ୟ ପରୀକ୍ଷା ଆଏବା ଜାନୁଆରୀ ୩୧ ତାରିଖ୍‌ନୁ ମୁଲ୍ ହେବା । ପରୀକ୍ଷା ଫେବୃଆରୀ ୧୦ ତାରିଖ୍‌ତକ୍ ଚାଲ୍‌ବା । ଇଥର ୨ ହଜାର୍ ୪ ଶହ ୫ ଝନ୍ ପ୍ରାର୍ଥୀ ପରୀକ୍ଷା ଦେବେ । ସଖାଲର୍ ୯ ବଜେନୁ ମଏଧାନର୍ ୧୨ ବଜେତକ୍ ପହେଲା ପରୀକ୍ଷା ଆଉ ମଏଧାନର୍ ୨ ବଜେନୁ ଉପର୍‌ବେଲା ୫ ବଜେତକ୍ ୨ ନମ୍ବର୍ ପରୀକ୍ଷା ହେବା । ପରୀକ୍ଷାର୍ ୭ ଦିନ୍ ଆଘୋନୁ ଓପିଏସ୍‌ସି ୱେବ୍‌ସାଇଟ୍‌ନୁ ଏଡ୍‌ମିଟ୍‌କାର୍ଡ଼ ଡାଉନ୍‌ଲୋଡ୍ କରାଯାଇପାର୍‌ବା ।

ଲୋକମହୋତ୍ସବ୍-୨୦୨୬        ଆର୍‌ଏନ୍‌ୟୁ/ ସମ୍ବଲପୁର

ସମ୍ବଲପୁର୍ ଜିଲ୍ଲା ପରିଷଦ୍ ସମ୍ମିଳନୀ କକ୍ଷ ନ ସମ୍ବଲପୁର୍ ଲୋକମହୋତ୍ସବ୍-୨୦୨୬ର ପହେଲା ପ୍ରସ୍ତୁତି ବୈଠକ୍ ଗଲାକାଏଲ୍ ହେଇଯାଇଛେ । ଜିଲ୍ଲାପାଲ୍ ସିଦ୍ଧେଶ୍ୱର୍ ବଳିରାମ୍ ବୋନ୍ଦର୍ଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ବୈଠକ୍‌ଥି ମହୋତ୍ସବ ପରିଚାଳନା କମିଟିର୍ ଆବାହକ ଆଉ ସହ ଆବାହକମାନେ ଯୋଗ୍ ଦେଇଥିଲେ । ମହୋତ୍ସବ୍‌କେ ଭଲ୍ ଭାବେ ପରିଚାଳନା କର୍‌ବାର୍ ସହେତେ ସାଂସ୍କୃତିକ୍ ଦଲ୍ ଚୂଡ଼ାନ୍ତ କର୍‌ବାର୍ ଉପ୍‌ରେ ଜିଲ୍ଲାପାଲ୍ ଜୋର୍ ଦେଇଥିଲେ । ସୂଚ୍‌ନା ଅନ୍‌ସାରେ ୨୮ ନମ୍ବର୍ ସମ୍ବଲପୁର୍ ଲୋକ୍‌ମହୋତ୍ସବ୍ ଜାନୁଆରୀ ୪ ନୁ ୮ ତାରିଖ୍‌ତକ୍ ସହରର୍ ପିଏଚ୍‌ଡ଼ି ପଡ଼ିଆ ନ ହେବା ।

ଦକ୍ଷତା ବୃଦ୍ଧି ତାଲିମ ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ଖଡ଼ିଆଲ୍ ଏନ୍‌ଏସି ଆଉ ହସ୍ତତନ୍ତ ବିଭାଗ୍ ତର୍‌ଫୁ ୨ ମାସିଆ ଦକ୍ଷତା ବୃଦ୍ଧି ତାଲିମ୍ ଶିବିର୍ ମୁଲ୍ ହେଇଛେ । ଏନ୍‌ଏସି ଅଧ୍ୟକ୍ଷ ଉଜ୍ଜ୍ୱଲ୍ ଗୁପ୍ତା ମୁଖ୍ୟଅତିଥି ଭାବେ ଯୋଗ୍ ଦେଇଥିଲେ । ଇଥି ସ୍ୱୟଂ ସହାୟକ ଗୋଷ୍ଠୀର୍ ମହିଳାମାନେ ତାଲିମ୍ ନେଇକରି ସ୍ୱାବଲମ୍ବୀ ହେଇପାର୍‌ବେ ବଲି ଗଲାକାଏଲ୍ ଉଦ୍‌ଘାଟନୀ କାର୍ଯ୍ୟକ୍ରମ୍‌ଥି ଅତିଥି ମାନେ କହିଛନ୍ ।

ଅଷ୍ଟଧାତୁ ମୂର୍ତି ଫିର୍‌ଲା          ସୁବର୍ଣ୍ଣପୁର୍ ସମ୍ବାଦଦାତା

ସୁବର୍ଣ୍ଣପୁର୍ ଜିଲ୍ଲା ଗୋପାଲ୍‌ଜୀ ମନ୍ଦିର୍‌ନୁ ୪୨ ବଛର୍ ଆଘୋନୁ ଚୋରି ହେଇଥିବା ଅଷ୍ଟଧାତୁର୍ ୧୨ ଟା ମାହାପୁରୁଙ୍କର୍ ପ୍ରତିମୂର୍ତି ଆଏଜ୍ ତାର୍ ଜାଗାକେ ଫିରିଛେ । ଭୁବ୍‌ନେଶ୍ୱର୍ ମାଲ୍‌ଖାନାନୁ ଗଲା ବୁଧବାର୍ ଦିନ କଡ଼ା ସୁରକ୍ଷା ଭିତ୍‌ରେ ଇ ମୂର୍ତିମାନ୍‌କୁ ସୁବର୍ଣ୍ଣପୁର୍ ଅନାଯାଇଥିଲା । ମୂର୍ତି ଜିଲ୍ଲାକେ ଅନାଯିବାର୍ ଉତ୍‌ରୁ ଜିଲ୍ଲାପାଲ୍ ନୃପରାଜ୍ ସାହୁଙ୍କର୍ ନେତୃତ୍ୱଥି ଅଂଚଲ୍‌ବାସୀ ସ୍ୱାଗତ୍ କରିଥିଲେ । ଶ୍ରୀ ଗୋପାଲ୍‌ଜୀ, ରାଧା ଆଉ ୧୦ ଟା ପାର୍ଶ୍ୱ ଦେବାଦେବୀଙ୍କର୍ ଅଷ୍ଟଧାତୁ ମୂର୍ତିକେ ଇଛେନ୍‌କା ଜିଲ୍ଲା କୋଷାଗାର୍‌ନୁ ସୁରକ୍ଷିତ୍ ଭାବେ ରଖାଯାଇଛେ ।

ଛତିଶା ନିଯୋଗ୍ ବୈଠକ       ପୁରୀ ସମ୍ବାଦଦାତା

ପୁରୀ ଶ୍ରୀମନ୍ଦିର୍ ଛତିଶା ନିଯୋଗ୍‌ର ଗୁରୁତ୍ୱପୂର୍ଣ୍ଣ ବୈଠକ୍ ଆଏଜ୍ ଉପର୍‌ବେଲା ଶ୍ରୀମନ୍ଦିର୍ ମୁଖ୍ୟ ପ୍ରଶାସକ ଡକ୍ଟର୍ ଅରବିନ୍ଦ ପାଢ଼ୀଙ୍କର୍ ଅଧ୍ୟକ୍ଷତାଥି ହେବା । ବୈଠକ୍‌ଥି ଆଏବା ୧୬ ତାରିଖ୍‌ନୁ ଜାନୁଆରୀ ୧୩ ତାରିଖ୍‌ତକ୍ ଶ୍ରୀମନ୍ଦିର୍ ନ ହେବାର୍‌କେ ଥିବା ପହିଲି ଭୋଗ, ୩ ତାରିଖ୍

ହେବାର୍‌କେ ଥିବା ଦେବାଭିଷେକ୍ ପୂର୍ଣ୍ଣିମା, ମକର୍ ସଂକ୍ରାନ୍ତି ନୀତି ନିର୍ଘଂଟ ବାବ୍‌ଦେ ଆଲୋଚନା କରାଯିବା ।

ଏନ୍‌ଏସି ଅଭିଯୋଗ୍ ଶୁଣାଣି          ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ଖଡ଼ିଆଲ୍ ଏନ୍‌ଏସି ତର୍‌ଫୁ ୧୦ ନମ୍ବର୍ ୱାର୍ଡ଼ ନ ଜନଅଭିଯୋଗ୍ ଶୁଣାଣି ଶିବିର୍ ହେଇଯାଇଛେ । ଇ ଅବ୍‌ସରେ ୨୩ ଟା ଅଭିଯୋଗ୍ ଆଗତ୍ ହେଇଥିଲା । ପୌର ଅଧିକାରୀମାନେ ଅଭିଯୋଗ୍ ମାନ୍‌କର୍ ଶୁଣାଣି କରିକରି ୧୪ ଟାର୍ ତୁର୍‌ତି ସମାଧାନ୍ କରିଥିଲେ ।

ଓଡ଼ିଶା ମାଷ୍ଟର୍ସ       I&PR

କଟକ୍ ଜବାହାର୍‌ଲାଲ୍ ନେହେରୁ ଇନ୍‌ଡୋର୍ ଷ୍ଟାଡ଼ିୟମ୍ ନ ଚାଲିଥିବା ଅନ୍ତର୍ଜାତୀୟ ବେଡ଼ମିଂଟନ୍ ପ୍ରତିଯୋଗିତା ଓଡ଼ିଶା ମାଷ୍ଟର୍ସ-୨୦୨୫ ଥି ଗଲାକାଏଲ୍ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଯୋଗ୍ ଦେଇକରି ଖେଲାଳିମାନ୍‌କୁ ତହଁକେଇଥିଲେ । ଗଲାକାଏଲ୍ ପ୍ରି-କ୍ୱାଟର୍ ରାଉଣ୍ଡ୍‌ଥି ଭିନ୍ ଭିନ୍ ବର୍ଗର୍ ୩୯ ଟା ମେଚ୍ ଖେଲାଯାଇଥିଲା ।

ପାଣିପାଗ       ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଜବର୍ ଥଣ୍ଡା ଲାଗି ରହିଛେ । ୧୮ ତାରିଖ୍‌ତକ୍ ପାଗ୍ ଏନ୍ତା ରହେବା । ସେନ୍ତା ୧୯ ନୁ ୨୫ ତାରିଖ୍‌ତକ୍ ଭିଲ୍ ରାତିର୍ ତାପମାତ୍ରା ସ୍ୱାଭାବିକ୍ ନୁ କମ୍ ରହିକରି ଶୀତ୍ ବଢ଼୍‌ବା ବଲି ଭାରତୀୟ ପାଣିପାଗ୍ ବିଭାଗ୍ ତର୍‌ଫୁ ଅନୁମାନ୍ କରାଯାଇଛେ । ଆଏଜ୍ ଆଉ ଆଏବା କାଏଲ୍ ରାତି ଶୀତ୍ ବଢ଼ିପାରେ, ଘନାକୁହୁଡ଼ି ଭିଲ୍ ହେବା । ସୁନ୍ଦର୍‌ଗଡ଼୍, ଝାର୍‌ସୁଗୁଡ଼ା ଆର୍ ଅନୁଗୁଲ୍ ନ ଜବର୍ ଶୀତ୍ ଲାଗି ରହେବା ବଲି ପାଣିପାଗ୍ ବିଭାଗ୍ ତର୍‌ଫୁ କୁହାଯାଇଛେ ।

ଇ ବଛର୍ ପହେଲାକରି ରାତିର୍ ତାପମାତ୍ରା ୩ ଡିଗ୍ରୀକେ ଉତ୍‌ରିଛେ । ଶିମିଲିଗୁଡ଼ା ନ ରାତିର୍ ତାପମାତ୍ରା ସବୁନୁ କମ୍ ୩ ଦଶ୍‌ମିକ୍ ୫ ଡିଗ୍ରୀ ସେଲ୍‌ସିଅସ୍ ରେକର୍ଡ଼୍ କରାଯାଇଛେ ।